# ଇଞ୍ଜିନିୟରିଂ ସ୍କୁଲର ନୂତନ ଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିବା ଅତିଥିଗଣ । (ଫଟୋ-ଶିବ)

ବ୍ରହ୍ମପୁର ଅଫିସ, ୧୧।୧୧ - ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲର ଏକ ନୂତନ ଗୃହ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ଆର.ଏନ.ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ବୈଷୟିକ ଶିକ୍ଷାନୁଷ୍ଠାନର ୱେବସାଇଟ, ସମ୍ପ୍ରସାରିତ ମହିଳା ଛାତ୍ରୀନିବାସ- ଅଳକାନନ୍ଦାର ଉଦଘାଟନ ମଧ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ଅଧ୍ୟାପକ ଶରତ ପଟ୍ଟନାୟକ, ପି.ଏନ.ଜେନା, ଡି.କେ.ଗୋସ୍ୱାମୀ, ଏସ.ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।